আয়কর আয়ুক্ত, বম্বে

বনাম

বম্বে ডাইঙ্গ আণ্ড মানুফ্যাক্টরিঙ্গ কম্পানী লিমিটেড্, ফেব্রুআরী 29,1996

[বি. পি. জীবন রেড্ডি এবং এম্. কে. মুখার্জী, ন্যায়মূর্ত্তিদ্বয়]

আয়কর অধিনিয়ম, 1922: ধারা 10 (2) (XV)

*আয়কর- ব্যাবসায়িক খর্চ্চ- আয়র গণনারু কাটিবা - পুঞ্জি কিম্বা রাজস্ব খর্চ্চ- কম্পানীগুড়িকর মিশ্রণকু প্রভাবী করিবা পাইঁ করদাতাঙ্ক দ্বারা আইনজীবীমানঙ্কু প্রদান করাযাইথিবা বৃত্তিগত শুল্ক- "রাজস্ব ব্যয় ভাবরে কাট দাবি করিবা- ন্যায়াধিকরণ নির্ণ্ণয় নেইছন্তি যে ব্যবসায়র সুপরিচালনা করিবা পাইঁ কম্পানীগুড়িকর মিশ্রণ হেবা আবশ্যক- যেহেতু এহি খর্চ্চ সম্পূর্ণ্ণ এবং কেবল করদাতাঙ্ক ব্যবসায় পাইঁ করাযাইছি, তেণু এহাকু রাজস্ব খর্চ্চ ভাবরে কাট্ করাযাইপারিব- ন্যায়াধিকরণ এহার উপসংহাররে সঠিক থিবার নির্ণ্ণয় হোইছি ।*

*বম্বে ষ্টিম্ নাভিগেসন্ কম্পানী প্রাইভেট্ লিমিটেড্ বনামআয়কর আয়ুক্ত বম্বে,* **56 আই. টি. আর্. 52, মামলা উপরে নির্ভর করাযাইথিলা ।**

*মাড্রাস রাজ্য বনাম জি. জে. কোএল্হো,* **53 আই. টি. আর্. 186, মামলাকু উল্লেখ করাযাইছি ।**

*করদাতা- কম্পানীর শ্রমিকমানঙ্ক পাইঁ বাসগৃহ নির্মাণ নিমন্তে গৃহ নির্মাণ সংস্থাকু দিআযাইথিবা আর্থিক সহযোগ- করদাতা বাসগৃহ যোগাইদেবা পাইঁ বাধ নুহন্তি- করদাতাঙ্ক দ্বারা রাজস্ব ব্যয় বাবদরে টিকস কাট পাইঁ দাবি- দাবিকু ন্যায়াধিকরণঙ্ক দ্বারা অনুমতি মিলিছি- ন্যায়াধিকরণ নির্ণ্ণয় নেইছন্তি যে প্রশ্নরে থিবা খর্চ্চ দ্বারা করদাতাঙ্কর কৌণসি পুঞ্জিগত সম্পত্তি সৃষ্টি হোইনাহিঁ- নির্ণ্ণয় হোইছি, ন্যায়াধিকারণঙ্ক উপসংহার সঠিক্ থিলা ।*

*এল. এচ. চিনি কল এবং তৈল কারখানা (পি) লিমিটেড বনাম আয়কর আয়ুক্ত,* **য়ু. পি. 125 আই. টি. আর্. 293** এবং *আয়কর আয়ুক্ত, মাড্রাস বনাম টি. ভি. সুন্দরম্ আয়েঙ্গর আণ্ড সন্স প্রাইভেট্ লিমিটেড্,* **186 আই. টি. আর্. 276 মামলা উপরে নির্ভর করিথিলে ।**

*ট্রাভানকোর্-কোচিন্ কেমিকাল্স লিমিটেড বনাম আয়কর আয়ুক্ত কেরল* **106, আই. টি. আর. 900, মামলাকু উল্লেখ করাযাইছি ।**

দেওয়ানী আবেদন ক্ষেত্রাধিকার: 1978 র দেওয়ানী আবেদন সংখ্যা 593-94/1978

12.8.77 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଆଇ. ଟି. ଏ. ସଂଖ୍ୟା 206/1977 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଡ. ଭି. ଗୌରୀଶଙ୍କର ଏବଂ ଏସ୍. ଏନ୍. ଟର୍ଡୋଲ୍ ଆବେଦନକାରୀଙ୍କ ପାଇଁ ।

ଗୌରବ ବାନାର୍ଜୀ, ସୁଶ୍ରୀ ଅଞ୍ଜଳି ବର୍ମା ଏବଂ ସୁଶ୍ରୀ ରୁବି ଆହୁଜା ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆୟକର ଅଧିନିୟମ 256 (2) ଅନୁଯାୟୀ, ବମ୍ବେ ଉଚ୍ଚ ନ୍ୟାୟାଳୟ ଏକ ଆବେଦନକୁ ପ୍ରତ୍ୟାଖ୍ୟାନ କରି ପ୍ରଦାନ କରିଥିବା ରାୟ ବିରୁଦ୍ଧରେ ଏହି ଆବେଦନଗୁଡ଼ିକ ଆଗତ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ମତାମତ ପାଇଁ ନିମ୍ନଲିଖିତ ଦୁଇଟି ପ୍ରଶ୍ନ ପଠାଇବାକୁ ରାଜସ୍ୱ ବିଭାଗ ଆବେଦନ କରିଥିଲେ ।

> "(i) ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଭିତ୍ତି କରି, ନ୍ୟାୟାଧିକରଣ ଆଇନଗତ ଭାବେ ଏହା ନିର୍ଣ୍ଣୟ ନେବାରେ ସଠିକ୍ ଥିଲେ କି ଯେ, କରଦାତା କମ୍ପାନୀ ନିଜ ସହିତ ନରୋଜଜୀ ୱାଡିଆ ଗିନିଙ୍ଗ ଆଣ୍ଡ ପ୍ରେସିଙ୍ଗ କମ୍ପାନୀର ମିଶ୍ରଣ କରିବା ପାଇଁ ନିଜ ଆଇନଜୀବୀମାନଙ୍କୁ ଦେଇଥିବା ବୃତ୍ତିଗତ ଦେୟ, ଏକ ରାଜସ୍ୱ ପ୍ରକୃତିର ଥିଲା ଏବଂ ଏହାକୁ କମ୍ପାନୀର ମୋଟ ଆୟ ହିସାବ କରିବା ସମୟରେ ଏକ ଛାଡ ଭାବରେ ଅନୁମତି ଦିଆଯିବା ଉଚିତ?
>
> (ii) ମାମଲାର ତଥ୍ୟ ଏବଂ ପରିସ୍ଥିତି ଆଧାରରେ ନ୍ୟାୟାଧିକରଣ ଆଇନତଃ ଏହା ବିଚାର କରିବାରେ ଯଥାର୍ଥ ଥିଲେ କି, ଯେ ଶ୍ରମିକମାନଙ୍କ ପାଇଁ ବାସଗୃହ ନିର୍ମାଣ ଦିଗରେ ମହାରାଷ୍ଟ୍ର ଗୃହ ନିର୍ମାଣ ସଂସ୍ଥାକୁ ଦେଇଥିବା ଯୋଗଦାନ ବାବଦରେ କରଦାତା-କମ୍ପାନୀ ମୋଟ 2,25,000/- ଟଙ୍କା ପର୍ଯ୍ୟନ୍ତ ଛାଡ଼ ପାଇବାକୁ ହକଦାର ଥିଲା ।"

ପ୍ରଥମ ପ୍ରଶ୍ନ ସମ୍ବନ୍ଧୀୟ ତଥ୍ୟ ନିମ୍ନମତେ ପ୍ରଦାନ କରାଗଲା:ନରୋଜୀ ୱାଡିଆ ଜିନିଂ ଆଣ୍ଡ ପ୍ରେସିଂ କମ୍ପାନୀ ନାମକ ଏକ କମ୍ପାନୀକୁ କରଦାତା-କମ୍ପାନୀ ସହିତ ମିଶ୍ରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କରଦାତା କମ୍ପାନୀ ଦ୍ୱାରା ଆଇନଜୀବୀମାନଙ୍କ ସଂସ୍ଥାକୁ ବୃତ୍ତିଗତ ଦେୟ ବାବଦରେ 10,350/- ଟଙ୍କା ଖର୍ଚ୍ଚ କରାଯାଇଥିଲା । ମୂଲ୍ୟାଙ୍କନ ପ୍ରକ୍ରିୟାରେ ଉକ୍ତ ରାଶିକୁ ରାଜସ୍ୱ ବ୍ୟୟ ଭାବେ ଦାବି କରାଯାଇଥିଲା । କରଦାତାଙ୍କ ମାମଲା ଥିଲା ଯେ ନ୍ୟୁରୋସଜୀ ୱାଡିଆ ଜିନିଂ ଆଣ୍ଡ ପ୍ରେସିଂ କମ୍ପାନୀ କରଦାତାଙ୍କ ଭଳି ସମାନ ବ୍ୟବସାୟରେ ନିୟୋଜିତ ଥିଲା । ଅନ୍ୟ ଅର୍ଥରେ କହିଲେ, ଉଭୟ କମ୍ପାନୀର ବ୍ୟବସାୟ "ପରିପୂରକ" ଥିଲା । ଉଭୟ କମ୍ପାନୀର ନିର୍ଦ୍ଦେଶକମାନେ ଭାବିଲେ ଯେ ଯଦି ଉଭୟ କମ୍ପାନୀର ମିଶ୍ରଣ ହୁଏ ତେବେ ଏହା ଲାଭଦାୟକ ହେବ । ତଦନୁସାରେ, ଏକ ମିଶ୍ରଣ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହା ଉପସ୍ଥାପିତ କରାଯାଇଥିଲା ଯେ ଉକ୍ତ ମିଶ୍ରଣ ସହିତ ଜଡିତ ଆଇନଗତ ଖର୍ଚ୍ଚକୁ ରାଜସ୍ୱ ଖର୍ଚ୍ଚ ଭାବରେ ଦର୍ଶାଯାଇଥିଲା । ଆୟକର ଅଧିକାରୀ କିମ୍ବା ଅପିଲିୟ ସହକାରୀ ଆୟୁକ୍ତ ଏଥିରେ ରାଜି ହୋଇନଥିଲେ । ପରବର୍ତ୍ତୀ ଆବେଦନରେ, ନ୍ୟାୟାଧିକରଣ ଟିକସଦାତାଙ୍କ ଯୁକ୍ତିକୁ କାଏମ ରଖିଥିଲେ । ରାଜସ୍ୱ ବିଭାଗର ଯୁକ୍ତି ସହ ଏହା ଅସହମତି ପ୍ରକାଶ କରିଥିଲା ଯେ, ଯେହେତୁ ଉକ୍ତ ମିଶ୍ରଣ ଫଳରେ କରଦାତା ଅନ୍ୟ କମ୍ପାନୀକୁ ଅଧିଗ୍ରହଣ କରିଛନ୍ତି, ଏବଂ ଏହି ଅଧିଗ୍ରହଣ ଏକ ପୁଞ୍ଜିଗତ ସମ୍ପତ୍ତି ହାସଲ କରିବା ପ୍ରକୃତିର ଥିଲା, ତେଣୁ ସେହି ବାବଦରେ ହୋଇଥିବା ଆଇନଗତ ଖର୍ଚ୍ଚ ପୁଞ୍ଜିଗତ ବ୍ୟୟର ଅଂଶ ବିଶେଷ ଅଟେ । ନ୍ୟାୟାଧିକରଣଙ୍କ ଏହି ମତ ଥିଲା ଯେ "ଯେହେତୁ ଉଭୟ କମ୍ପାନୀ ପରିପୂରକ ଭାବେ ବ୍ୟବସାୟ

ଚଳାଉଥିଲେ ଏବଂ ବ୍ୟବସାୟର ସୁଗମ ଏବଂ ଦକ୍ଷ ପରିଚାଳନା ପାଇଁ ସେମାନଙ୍କର ମିଶ୍ରଣ ଆବଶ୍ୟକ ଥିଲା", ଏହା ହେଉଛି ଏକ ସମ୍ପୂର୍ଣ୍ଣ ଏବଂ ସ୍ୱତନ୍ତ୍ର ଭାବରେ କରଦାତାଙ୍କ ବ୍ୟବସାୟ ଉଦ୍ଦେଶ୍ୟରେ ଧାର୍ଯ୍ୟ ହୋଇଥିବା ଖର୍ଚ୍ଚ । ଉକ୍ତ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଏବଂ *ବମ୍ବେ ଷ୍ଟିମ୍ ନାଭିଗେସନ୍ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ବନାମ ଆୟକର ଆୟୁକ୍ତ ବମ୍ବେ,* 56 ଆଇ. ଟି. ଆର୍. 52 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ଆମର ମତ ହେଉଛି ଯେ ନ୍ୟାୟାଧିକରଣ ଏହାର ଉପସଂହାରରେ ସଠିକ୍ ଥିଲେ । *ବମ୍ବେ ଷ୍ଟିମ୍ ନାଭିଗେସନ୍* ମାମଲାର ନିର୍ଣ୍ଣୟ ମଧ୍ୟ ଦୁଇଟି ସିପିଂ କମ୍ପାନୀର ମିଶ୍ରଣ ସହିତ ଜଡିତ । କରଦାତା କମ୍ପାନୀ ଅନ୍ୟ ଏକ କମ୍ପାନୀର ସମ୍ପତ୍ତିକୁ ନିଜ ଅଧୀନକୁ ନେଲା ଏବଂ ସେହି ସମ୍ପତ୍ତି ମୂଲ୍ୟର କିଛି ଅଂଶକୁ ଏକ ପ୍ରତିଶ୍ରୁତି ପତ୍ର ଦ୍ୱାରା ଏକ ଋଣ ଭାବରେ ଗ୍ରହଣ କରାଯାଇଥିଲା ଏବଂ କରଦାତା-କମ୍ପାନୀର ସମସ୍ତ ଚଳନ୍ତି ସମ୍ପତ୍ତିକୁ ବନ୍ଧକ ଦ୍ୱାରା ସୁରକ୍ଷିତ ଥିଲା । ଏହି ଋଣ ଉପରେ 6 ପ୍ରତିଶତ ହାରରେ ସରଳ ସୁଧ ଲାଗୁ ହୋଇଥିଲା । ଉକ୍ତ ମାମଲାରେ ଯେଉଁ ପ୍ରଶ୍ନ ଉଠିଥିଲା, ତାହା ଥିଲା ଉକ୍ତ ଋଣ ଉପରେ ଦିଆଯାଇଥିବା ସୁଧ, ରାଜସ୍ୱ ବ୍ୟୟ ଭାବେ କାଟ ଯୋଗ୍ୟ କି । ଏହି ନ୍ୟାୟାଳୟ ଦ୍ୱାରା ନିର୍ଣ୍ଣୟ ହୋଇଥିଲା ଯେ ଏହା ଆୟକର ଅଧିନିୟମର ଧାରା 10 (2) (xv) ଅନୁଯାୟୀ ଏକ ଛାଡ଼ଯୋଗ୍ୟ ଖର୍ଚ୍ଚ ଥିଲା । ଏହା ନିର୍ଣ୍ଣୟ ହୋଇଥିଲା ଯେ ସମ୍ପତ୍ତି ଅଧିଗ୍ରହଣର କାରବାର କରଦାତାଙ୍କ ବ୍ୟବସାୟର ଆରମ୍ଭ ଏବଂ ପରିଚାଳନା ସହିତ ଘନିଷ୍ଠ ଭାବରେ ଜଡିତ ଥିଲା, ତେଣୁ, ଅଧିଗ୍ରହଣ କରାଯାଇଥିବା ସମ୍ପତ୍ତିର ଅବଶିଷ୍ଟ ଅଣଦେୟ ପରିମାଣ ଉପରେ ଦିଆଯାଇଥିବା ସୁଧକୁ, ସାଧାରଣ ଭାବରେ, ସେହି ହିସାବ ଅବଧିରେ ଚାଲୁଥିବା ବ୍ୟବସାୟର ଖର୍ଚ୍ଚ ହିସାବରେ ଗଣାଯିବା ଉଚିତ । ରାୟ ପ୍ରଦାନ ସମୟରେ ଏହି ନ୍ୟାୟାଳୟ *ମାଡ୍ରାସ ରାଜ୍ୟ ବନାମ ଜି. ଜେ. କୋଏଲ୍ହୋ,* 53 ଆଇ. ଟି. ଆର. 186 ମାମଲାରେ ଏହି ନ୍ୟାୟାଳୟଙ୍କ ପୂର୍ବ ନିର୍ଣ୍ଣୟ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଥିରେ ନିର୍ଣ୍ଣୟ ହୋଇଛି ଯେ ଏକ ପୁଞ୍ଜିଗତ ସମ୍ପତ୍ତି ହାସଲ କରିବା ପାଇଁ ଋଣ କରାଯାଇଥିବା ରାଶି ଉପରେ ଧାର୍ଯ୍ୟ ହୋଇଥିବା ସୁଧ, ରାଜସ୍ୱ ବ୍ୟୟ ଭାବେ ହ୍ରାସଯୋଗ୍ୟ ଅଟେ । ଏହା ସତ୍ୟ ଯେ ଉକ୍ତ ନିର୍ଣ୍ଣୟରେ ଏହି ନ୍ୟାୟାଳୟ ଏହି ସୁପ୍ରତିଷ୍ଠିତ ନୀତିକୁ ପୁନର୍ବାର ନିଶ୍ଚିତ କରିଛନ୍ତି ଯେ ସ୍ଥାୟୀ ଭାବରେ ସମ୍ପତ୍ତି ଅଧିଗ୍ରହଣ ପାଇଁ ଧାର୍ଯ୍ୟ ହୋଇଥିବା ଯେକୌଣସି ଖର୍ଚ୍ଚ, ପୁଞ୍ଜିଗତ ଖର୍ଚ୍ଚ ହେବ, ସେହି ସମୟରେ ମଧ୍ୟ ନିର୍ଣ୍ଣୟ ହୋଇଥିଲା ଯେ ଯେହେତୁ ଅନ୍ୟ ଏକ କମ୍ପାନୀକୁ ଅଧିଗ୍ରହଣ କରିବା ପ୍ରକ୍ରିୟାଟି କରଦାତାଙ୍କ ନିଜ ବ୍ୟବସାୟ ପରିଚାଳନା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା, ତେଣୁ ସେହି ଅଧିଗ୍ରହଣ ପାଇଁ ନିଆଯାଇଥିବା ଋଣ ଉପରେ ଦିଆଯାଇଥିବା ସୁଧକୁ ଆଇନର ଧାରା 10 (2) (xv) ଅନୁଯାୟୀ ବ୍ୟବସାୟିକ ଖର୍ଚ୍ଚ ଭାବରେ କାଟଯୋଗ୍ୟ ଥିଲା । ଏହି ମାମଲାରେ ମଧ୍ୟ ନ୍ୟାୟାଧିକରଣ ଏକ ତଥ୍ୟକୁ ଲିପିବଦ୍ଧ କରିଛନ୍ତି ଯେ କରଦାତାଙ୍କ ବ୍ୟବସାୟର ସୁଗମ ଏବଂ ଦକ୍ଷ ପରିଚାଳନା ପାଇଁ ନଓରୋଜୀ ୱାଡିଆ ଜିନିଂ ଆଣ୍ଡ ପ୍ରେସିଂ କମ୍ପାନୀର ଅଧିଗ୍ରହଣ ଆବଶ୍ୟକ ଥିଲା । ନ୍ୟାୟାଳୟର ଉପରୋକ୍ତ ନିଷ୍ପତ୍ତିଗୁଡ଼ିକର ଅନୁପାତକୁ ଅନୁସରଣ କରି, ଆମେ ବିଚାର କରୁ ଯେ ଉକ୍ତ ମିଶ୍ରଣ ବାବଦରେ ପ୍ରଦାନ କରାଯାଇଥିବା ସେବା ପାଇଁ ଆଇନଜୀବୀମାନଙ୍କ ବୃତ୍ତିଗତ ଶୁଳ୍କ ପାଇଁ ହୋଇଥିବା ଖର୍ଚ୍ଚ, କରଦାତାଙ୍କ ବ୍ୟବସାୟ ଚଳାଇବା ସମୟରେ ଥିଲା, ତେଣୁ, ଏହା ଏକ ରାଜସ୍ୱ ଖର୍ଚ୍ଚ ଭାବରେ କାଟଯୋଗ୍ୟ ଅଟେ । ଏହି ବିଷୟକୁ ଦୃଷ୍ଟିରେ ରଖି, ଏହି ପ୍ରଶ୍ନ ଉପରେ ଆମ ସମ୍ମୁଖରେ ଦିଆଯାଇଥିବା ଅନ୍ୟ ନିଷ୍ପତ୍ତିଗୁଡ଼ିକୁ ଅନୁଧ୍ୟାନ କରିବା ଆମ ପାଇଁ ଆବଶ୍ୟକ ନୁହେଁ ।

ବର୍ତ୍ତମାନ ଦ୍ୱିତୀୟ ପ୍ରଶ୍ନକୁ ଆସିବା, ନ୍ୟାୟାଧିକରଣଙ୍କ ସିଦ୍ଧାନ୍ତ ଏହା ହେଉଛି ଯେ କମ୍ପାନୀର ଶ୍ରମିକମାନଙ୍କ ପାଇଁ ବାସଗୃହ ନିର୍ମାଣ ଉଦ୍ଦେଶ୍ୟରେ ମହାରାଷ୍ଟ୍ର ଗୃହ ନିର୍ମାଣ ସଂସ୍ଥାକୁ କରଦାତା ଦ୍ୱାରା 2,25,000/-ଟଙ୍କା ପ୍ରଦାନ କରାଯାଇଥିଲା । କରଦାତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ଉକ୍ତ ଖର୍ଚ୍ଚ କେବଳ ଏବଂ ବିଶେଷଭାବରେ କର୍ମଚାରୀଙ୍କ କଲ୍ୟାଣ ପାଇଁ କରାଯାଇଥିଲା, ତେଣୁ ଏହା ବୈଧ ବ୍ୟବସାୟିକ ଖର୍ଚ୍ଚକୁ ପ୍ରତିପାଦିତ କରେ । ଆୟକର ଅଧିକାରୀ ଏବଂ ଅପିଲିୟ ସହକାରୀ ଆୟୁକ୍ତ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ । ତଥାପି ନ୍ୟାୟାଧିକରଣ,

କରଦାତାଙ୍କ ଯୁକ୍ତିକୁ ସମର୍ଥନ କରି ନିର୍ଣ୍ଣୟ ନେଇଛନ୍ତି ଯେ ପ୍ରଶ୍ନରେ ଥିବା ଖର୍ଚ୍ଚ ଦ୍ୱାରା, କରଦାତା-କମ୍ପାନୀର କୌଣସି ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି ହୋଇନାହିଁ, କାରଣ ବାସଗୃହଗୁଡ଼ିକ ଗୃହ ନିର୍ମାଣ ସଂସ୍ଥାର ସମ୍ପତ୍ତି ଭାବରେ ରହିଯାଇଛି । ଉକ୍ତ ବାସଗୃହଗୁଡ଼ିକରେ କରଦାତା-କମ୍ପାନୀ, କୌଣସି ମାଲିକାନା ଅଧିକାର ହାସଲ କରିନଥିଲା ବୋଲି ଏଥିରେ ନିର୍ଣ୍ଣୟ ହୋଇଛି । ନ୍ୟାୟାଧିକରଣ ଆହୁରି ମଧ୍ୟ ଜାଣିବାକୁ ପାଇଛନ୍ତି ଯେ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଆବାସ ଗୃହକୁ ଏହାର ଶ୍ରମିକମାନଙ୍କୁ ପ୍ରଦାନ କରିବା ପାଇଁ କରଦାତା-କମ୍ପାନୀ ଉପରେ କୌଣସି ଦାୟିତ୍ୱ ନାହିଁ ଏବଂ ଏହି ମାମଲାରେ କରଦାତା-କମ୍ପାନୀର ଶିଳ୍ପ ଶ୍ରମିକମାନଙ୍କ ଦ୍ୱାରା ପ୍ରାପ୍ତ ଉନ୍ନତ ଏବଂ ଶସ୍ତା ଆବାସ ଲାଭ, କରଦାତାଙ୍କୁ ସ୍ଥାୟୀ ପ୍ରକୃତିର ପ୍ରତ୍ୟକ୍ଷ ଲାଭ ପ୍ରଦାନ କରେ ନାହିଁ । ଏଥିରେ ଦର୍ଶାଯାଇଛି ଯେ ଏହି ଖର୍ଚ୍ଚ କେବଳ ଏକ ଉତ୍ସର୍ଗୀକୃତ ଶ୍ରମଶକ୍ତି ଦ୍ୱାରା କରଦାତା-କମ୍ପାନୀର ବ୍ୟବସାୟକୁ ଅଧିକ ଦକ୍ଷତାର ସହ ଚଳାଇବା ଉଦ୍ଦେଶ୍ୟରେ କରାଯାଇଥିଲା ।

ରାଜସ୍ୱ ପାଇଁ ବିଦ୍ୱାନ ଓକିଲ ଡକ୍ଟର ଭି. ଗୌରୀଶଙ୍କର, *ତ୍ରାଭାନକୋର-କୋଚିନ କେମିକାଲ୍ସ-ଲିମିଟେଡ୍ ବନାମ ଆୟକର ଆୟୁକ୍ତ କେରଳ,* 106 ଆଇ. ଟି. ଆର. 900 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଉପରେ ଦୃଢ଼ ଭରସା ରଖିଛନ୍ତି । ମାମଲାର ତଥ୍ୟ ନିମ୍ନରେ ଦିଆଗଲା:କରଦାତା-କମ୍ପାନୀ ଟ୍ରକ ମାଧ୍ୟମରେ ଏହାର ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ଗ୍ରହଣ ଏବଂ ପ୍ରେରଣ କରୁଥିଲା । ଏହାର ପରିସରକୁ ଯିବା ରାସ୍ତା ପକ୍କା ନଥିଲା ଏବଂ ଅନେକ ସମୟରେ ସମସ୍ୟା ଏବଂ ଅସୁବିଧା ସୃଷ୍ଟି କରୁଥିଲା । ଅନ୍ୟ ତିନୋଟି ସରକାରୀ ଉଦ୍ୟୋଗ ସହିତ, ସେହି ଅଞ୍ଚଳକୁ ଏକ ନୂତନ ରାସ୍ତା ବିଛାଇବା ପାଇଁ କରଦାତା କେରଳ ସରକାରଙ୍କୁ ଯୋଗାଯୋଗ କରିଥିଲେ । ଜମି ଅଧିଗ୍ରହଣ ଖର୍ଚ୍ଚ ଏବଂ ରାସ୍ତା ନିର୍ମାଣ ଖର୍ଚ୍ଚର କିଛି ଅଂଶ ସରକାର ବହନ କରୁଥିବାବେଳେ, ଅବଶିଷ୍ଟ ଖର୍ଚ୍ଚ କରତାଙ୍କ ସମେତ ଚାରିଟି କମ୍ପାନୀ ବହନ କରିଥିଲେ । ପ୍ରଶ୍ନ ଥିଲା, ଉକ୍ତ ବ୍ୟୟ ରାଜସ୍ୱ ବ୍ୟୟ ଭାବେ ଗ୍ରହଣୀୟ କି । ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ପରିବହନ ସୁବିଧାର ଉନ୍ନତି ପାଇଁ ନୂତନ ରାସ୍ତା ନିର୍ମାଣ କରି ଆବେଦନକାରୀ ଏହାର ବ୍ୟବସାୟ ପାଇଁ ଏକ ସ୍ଥାୟୀ ସୁବିଧା ହାସଲ କରିଛନ୍ତି, ତେଣୁ, କରଦାତାଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚ ଏକ ପୁଞ୍ଜିଗତ ପ୍ରକୃତିର ଥିଲା । ଡକ୍ଟର ଗୌରୀ ଶଙ୍କର କହିଛନ୍ତି ଯେ ଉକ୍ତ ନିର୍ଣ୍ଣୟର ନୀତି ଏଠାରେ ସମାନ ଭାବରେ ପ୍ରଯୁଜ୍ୟ ଅଟେ କାରଣ କରଦାତା, ଶ୍ରମିକମାନଙ୍କ ପାଇଁ ଉନ୍ନତ ଆବାସ ବ୍ୟବସ୍ଥା କରିବା ଅନ୍ତିମ ରୂପେ କରଦାତାଙ୍କ ପାଇଁ ଏକ ଲାଭ ଏବଂ ଏକ ସ୍ଥାୟୀ ସୁବିଧା ଥିଲା । ଅନ୍ୟ ପକ୍ଷରେ, ଟିକସଦାତାଙ୍କ ବିଦ୍ୱାନ ଓକିଲ, *ଏଲ୍. ଏଚ୍. ସୁଗାର ଫ୍ୟାକ୍ଟ୍ରି ଆଣ୍ଡ ଅଏଲ ମିଲ୍ସ (ପି) ଲିମିଟେଡ୍ ବନାମ ଉତ୍ତର ପ୍ରଦେଶ ଆୟକର ଆୟୁକ୍ତ,* 125 ଆଇ. ଟି. ଆର୍. 293 ମାମଲାରେ ଏହି ନ୍ୟାୟାଳୟଙ୍କ ପରବର୍ତ୍ତୀ ନିର୍ଣ୍ଣୟକୁ ଆମ ଦୃଷ୍ଟିକୁ ଆଣିଥିଲେ, ଯେଉଁଥିରେ *ତ୍ରାନଭାକୋର କୋଚିନ କେମିକାଲ୍ସ* ମାମଲାରେ, ତଥ୍ୟ ଏବଂ ନିର୍ଣ୍ଣୟର ନୀତି ଉପରେ ଆଲୋଚନା କରିବା ପରେ ଏହା କୁହାଯାଇଛି ଯେ ଉକ୍ତ ନିର୍ଣ୍ଣୟର ଅନୁପାତ କେବଳ ସେହି ମାମଲାର ସ୍ୱତନ୍ତ୍ର ତଥ୍ୟ ମଧ୍ୟରେ ସୀମିତ ରହିବା ଆବଶ୍ୟକ । *ଏଲ. ଏଚ. ଚିନି କଳ ଏବଂ ତୈଳ କାରଖାନା* ମାମଲାର ନିର୍ଣ୍ଣୟ ମଧ୍ୟ ଏପରି ଏକ ମାମଲା ଥିଲା ଯେଉଁଥିରେ କାରଖାନାର ଆଖପାଖ ଅଞ୍ଚଳରେ ରାସ୍ତା ନିର୍ମାଣ ଖର୍ଚ୍ଚର କିଛି ଅଂଶ ପାଇଁ କିଛି ଖର୍ଚ୍ଚ କରାଯାଇଥିଲା ଏବଂ ଏହା ଏକ ବ୍ୟବସାୟିକ ଖର୍ଚ୍ଚ ବୋଲି କୁହାଯାଇଥିଲା । *ଆୟକର ଆୟୁକ୍ତ ମାଡ୍ରାସ ବନାମ ଟି. ଭି. ସୁନ୍ଦରମ ଆୟେଙ୍ଗର ଏବଂ ସନ ପ୍ରାଇଭେଟ ଲିମିଟେଡ୍,* 186 ଆଇ. ଟି. ଆର. 276 ମାମଲାରେ ଏହି ନ୍ୟାୟାଳୟଙ୍କ ଏକ ଆଦେଶ ପ୍ରତି ମଧ୍ୟ ଆମର ଦୃଷ୍ଟି ଆକର୍ଷଣ କରାଯାଇଛି, ଯେଉଁଥିରେ ଏହା ଦର୍ଶାଯାଇଛି ଯେ କର୍ମଚାରୀମାନଙ୍କ ପାଇଁ ରିହାତି ପ୍ରାପ୍ତ ଶିଳ୍ପ ଯୋଜନା ଅଧୀନରେ ଘର ନିର୍ମାଣ ପାଇଁ କରଦାତାଙ୍କ ଦ୍ୱାରା ଦିଆଯାଇଥିବା ଅର୍ଥରାଶି ରାଜସ୍ୱ ଖର୍ଚ୍ଚ ସ୍ୱଭାବର ଅଟେ । ଏହି ମାମଲାରେ ମଧ୍ୟ, ଏହି ରାଶି ସରକାରଙ୍କୁ ପ୍ରଦାନ କରାଯାଇଥିଲା, ଯିଏ ନିଜ ନାମରେ ଜମି କିଣିଥିଲା ଏବଂ ଏହା ଉପରେ ନିର୍ମିତ କୋଠାବାଡି ଗୁଡ଼ିକ କରଦାତାଙ୍କର ନୁହେଁ, ବରଂ ସରକାରଙ୍କ ସମ୍ପତ୍ତି ହୋଇଛି । ଆମ ସମ୍ମୁଖରେ ଦାଖଲ ହୋଇଥିବା ଆବେଦନଗୁଡ଼ିକର ତଥ୍ୟକୁ ବିଚାରକୁ ନେଇ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ନଥିଭୁକ୍ତ

କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ଆମେ ଭାବୁଛୁ ଯେ ଏଲ. ଏଚ. ଚିନି କଳ ଏବଂ ତୈଳ କାରଖାନା (ଉପୋରୋକ୍ତ) ଏବଂ ଆୟକର ଆୟୁକ୍ତ ମାଡ୍ରାସ (ଉପୋରୋକ୍ତ) ଙ୍କ ନୀତି ଟ୍ରାଭାନକୋର-କୋଚିନ କେମିକାଲ୍ସ (ଉପୋରୋକ୍ତ) ମାମଲାର ନୀତି ଅପେକ୍ଷା ଅଧିକ ଉପଯୁକ୍ତ ।

ତେଣୁ ଆମର ମତ ହେଉଛି ଯେ ଆୟକର ଅଧିନିୟମର ଧାରା 256 (2) ଅନୁଯାୟୀ ଆବେଦନକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ । ଆବେଦନଗୁଡ଼ିକୁ ଖାରଜ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଟି. ଏନ୍. ଏ. ଆବେଦନଗୁଡିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।